# NATIONAL NEWS BULLETIN (ODIA)

## 12th January - 2025

## Morning Bulletin : 7.15 a.m.

*********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦେଶର ବିକାଶ ଯାତ୍ରାରେ ଯୁବବର୍ଗଙ୍କୁ ସାମିଲ୍ କରିବା ଲକ୍ଷ୍ୟରେ ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା ଏକ ସ୍ୱତନ୍ତ୍ର ମାଧ୍ୟମ ସାବ୍ୟସ୍ତ ହେବ କହିଲେ ପ୍ରଧାନମନ୍ତ୍ରୀ ।

- ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଲାଗି ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ଗୁରୁତ୍ୱପୂର୍ଣ୍ଣ; କହିଲେ ରେଳମନ୍ତ୍ରୀ ।

- ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଅମୃତ ସ୍ନାନ ସହିତ ଆସନ୍ତାକାଲିଠାରୁ ଆରମ୍ଭ ହେବ ମହାକୁମ୍ଭ ମେଳା ।

- ଆମେରିକା ବନାଗ୍ନି ପ୍ରାୟ ୩୮ ହଜାର ୨୭୬ ଏକର ପରିମିତ ଅଞ୍ଚଳକୁ ବ୍ୟାପିଛି ।

ଏବଂ

- ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ପ୍ରତିଯୋଗିତାରେ ଆଜି କଳିଙ୍ଗ ଲାନ୍‌ସର୍ସ ଏବଂ ହାଇଦ୍ରାବାଦ ତୋପାନ୍ସ ମଧ୍ୟରେ ହେବ ମୁକାବିଲା ।

— ମହିଳା ହକି ଲିଗ୍ ଆଜିଠାରୁ ଆରମ୍ଭ ।

## ପି.ଏମ୍. - ୟଙ୍ଗ୍ ଲିଡର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦେଶର ବିକାଶ ଯାତ୍ରାରେ ଯୁବବର୍ଗଙ୍କୁ ସାମିଲ୍ କରିବା ଲକ୍ଷ୍ୟରେ ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା ଏକ ସ୍ୱତନ୍ତ୍ର ମାଧ୍ୟମ ସାବ୍ୟସ୍ତ ହେବ । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ "ଜାତୀୟ ଯୁବ ମହୋତ୍ସବ-୨୦୨୫ ଏବଂ ବିକଶିତ ଭାରତ ଯୁବ ନେତୃତ୍ୱ" ଆଲୋଚନା ଉପରେ ଯୁବବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେଙ୍କଦ୍ୱାରା ପ୍ରକାଶିତ ଏକ ଲେଖାକୁ ଗଣମାଧ୍ୟମରେ ସେୟାର୍ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କ ଶକ୍ତି, ସୃଜନଶୀଳତା ଏବଂ ନେତୃତ୍ୱକୁ ବିକଶିତ କରିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନାରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଦେଶର ୩ ହଜାର ଯୁବନେତୃତ୍ୱବୃନ୍ଦଙ୍କ ସହ ମତ ବିନିମୟ କରିବେ । ଏହି ଆଲୋଚନାରେ

୧୦ଟି ପ୍ରମୁଖ ବିଷୟବସ୍ତୁ ଉପରେ ଯୁବ ନେତୃବୃନ୍ଦଙ୍କଦ୍ୱାରା ଲିଖିତ ଶ୍ରେଷ୍ଠ ପ୍ରବନ୍ଧଗୁଡ଼ିକର ସଂକଳନକୁ ଶ୍ରୀ ମୋଦୀ ଉନ୍ମୋଚନ କରିବେ । ଏହି ବିଷୟଗୁଡ଼ିକ ମଧ୍ୟରେ ପ୍ରଯୁକ୍ତିବିଦ୍ୟା, ମହିଳା ସଶକ୍ତୀକରଣ, କୃଷି ଓ କୃଷି ଭିତ୍ତିକ ଉତ୍ପାଦନ ବୃଦ୍ଧି ସମ୍ବନ୍ଧୀୟ ରଚନାଗୁଡ଼ିକ ରହିଛି ।

ଜାତୀୟ ଯୁବ ମହୋତ୍ସବ ଆୟୋଜନର ୨୫ବର୍ଷ ପୁରୁଣା ପରମ୍ପରାକୁ ଏକ ନୂତନ ରୂପ ଦିଆଯାଇ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ଅନୁଷ୍ଠିତ ହେଉଛି ।

## ଅଶ୍ୱିନୀ ବୈଷ୍ଣବ - ପୁଣେ

୨୦୪୭ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଲାଗି ଭିତ୍ତିଭୂମି, ଉତ୍ପାଦକତା, ଅନ୍ତର୍ଭୁକ୍ତି ବିକାଶ କ୍ଷେତ୍ରରେ ପୁଞ୍ଜିନିବେଶ  ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ପୁଣେସ୍ଥିତ ଗୋଖ୍‌ଲେ ଇନ୍‌ଷ୍ଟିଚ୍ୟୁଟ୍‌ ଅଫ୍‌ ଇକୋନୋମିକ୍ସଠାରେ ଆୟୋଜିତ ପୁଣେ ପବ୍ଲିକ୍‌ ପଲିସି ଫେଷ୍ଟିଭାଲ୍‌ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ଏହି ଅବସରରେ ଶ୍ରୀ ବୈଷ୍ଣବ ବିକଶିତ ଭାରତ ଉପରେ ପର୍ଯ୍ୟବସିତ ପାୱାର୍‌ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଉପସ୍ଥିତ ଜନତାଙ୍କ ସହ ମତ ବିନିମୟ କରିଥିଲେ । ଟେଲି ଯୋଗାଯୋଗ କ୍ଷେତ୍ରରେ ହୋଇଥିବା

ଅଗ୍ରଗତି ସମ୍ପର୍କରେ ମଧ୍ୟ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆଲୋକପାତ କରିଥିଲେ । ପୁଣେଠାରେ ରେଳ ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ଶ୍ରୀ ବୈଷ୍ଣବ ସୂଚନା ଦେଇଥିଲେ । ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ, ଉଦ୍ୟୋଗୀ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ଶାହା - ଡ୍ରଗ୍ସ

ଦେଶରେ ନିଶା ବିରୋଧୀ ଅଭିଯାନକୁ ସଫଳ କରିବା ଲାଗି କେନ୍ଦ୍ର ସରକାରଙ୍କ ସହିତ ମିଳିତ ଦାୟିତ୍ୱ ନିର୍ବାହ କରିବାକୁ ରାଜ୍ୟ ସରକାରମାନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆହ୍ୱାନ ଦେଇଛନ୍ତି । ଦେଶ ମଧ୍ୟରେ କିମ୍ବା ବାହାରକୁ ନିଶାଦ୍ରବ୍ୟ ଚୋରା ଚାଲାଣ ପ୍ରତିହତ କରିବାଲାଗି ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ନିଶାଦ୍ରବ୍ୟ ଚୋରା ଚାଲାଣ ଓ ଜାତୀୟ ନିରାପତ୍ତା ଉପରେ ଆଧାରିତ ଆଞ୍ଚଳିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଦେଶରେ ଗତ ୧୦ ବର୍ଷ ମଧ୍ୟରେ ୭ ଗୁଣ ଅଧିକ ନିଶାଦ୍ରବ୍ୟ ଜବତ ହୋଇଛି । ଗତ ଏକ ଦଶନ୍ଧି ମଧ୍ୟରେ ୫୬ ହଜାର ୮୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ନଷ୍ଟ କରାଯାଇଛି । କେବଳ ଗତବର୍ଷ ୧୬ ହଜାର ୯୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଜବତ

କରାଯାଇଛି । ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏନ୍.ସି.ବି. ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶବ୍ୟାପି ନିଶାଦ୍ରବ୍ୟ ବିରୋଧରେ ହେଉଥିବା ସଂଗ୍ରାମକୁ ଇତିମଧ୍ୟରେ ନୂତନ ଶକ୍ତି ମିଳିଛି । ଏହି ଅବସରରେ ମାନସ-୨ ହେଲ୍ପଲାଇନ୍‌ର ସମ୍ପ୍ରସାରଣକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହି ସମ୍ମିଳନୀ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଉତ୍ତର ଭାରତର ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ରୋକିବା ଏବଂ ଜାତୀୟ ନିରାପତ୍ତା ଉପରେ ଏହାର ପ୍ରଭାବକୁ ଦୂର କରିବା ଦିଗରେ ଗୁରୁତ୍ୱ ଦେବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ।

## ମହାକୁମ୍ଭ - ଫରେଷ୍ଟସ୍

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆସନ୍ତାକାଲି ପୌଷପୂର୍ଣ୍ଣିମା ଅବସରରେ ଅମୃତ ସ୍ନାନ ସହିତ ମହାକୁମ୍ଭମେଳା ଆରମ୍ଭ ହେବ । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମହାକୁମ୍ଭ ପାଇଁ ପ୍ରୟାଗରାଜଠାରେ ଶ୍ରଦ୍ଧାଳୁଙ୍କୁ ଶୁଦ୍ଧ ବାୟୁ ଏବଂ ସୁସ୍ଥ ବାତାବରଣ ପ୍ରଦାନ ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ଜଙ୍ଗଲ ପରିବେଶ ସୃଷ୍ଟି କରାଯାଇଛି । ଗତ ଦୁଇ ବର୍ଷ ଧରି ଏକାଧିକ ଅମ୍ଳଜାନ ଭଣ୍ଡାର ସୃଷ୍ଟି କରିବା ଲକ୍ଷ୍ୟରେ ଜାପାନୀ ମିଆୱାକି

କୌଶଳ ପ୍ରୟୋଗ କରି ଏଭଳି ଜଙ୍ଗଲ ପରିବେଶ ସୃଷ୍ଟି କରାଯାଇଥିବା ଜଣାପଡ଼ିଛି । ଏହା ମାଧ୍ୟମରେ ସବୁଜିମା ସହ ବାୟୁ ଗୁଣବତ୍ତା ବୃଦ୍ଧି ପାଇଛି । ସହରର ୧୦ଟିରୁ ଅଧିକ ସ୍ଥାନରେ ଚାରାରୋପଣ ମାଧ୍ୟମରେ ୫୫ ହଜାର ବର୍ଗମିଟରରୁ ଅଧିକ ଅଞ୍ଚଳରେ ଏହି ପରିବେଶ ସୃଷ୍ଟି କରାଯାଇଛି ।

## ୟୁ.ଏସ୍. - ୱାଇଲଡ୍ ଫାୟାରସ୍

ଆମେରିକାର ଲସ୍ ଏଞ୍ଜେଲସ୍ ଏବଂ ଆଖପାଖ ବନାଞ୍ଚଳରେ ଲାଗିଥିବା ନିଆଁ ପାଖାପାଖି ୩୮ ହଜାର ୨୭୬ ଏକର ଅଞ୍ଚଳକୁ ବ୍ୟାପିଥିବା ଜଣାପଡ଼ିଛି । ଏହାବ୍ୟତୀତ ଅନ୍ୟ ଦୁଇଟି ନିଆଁ ଲାଗିଥିବା ଅଞ୍ଚଳକୁ ଆୟତ୍ତ କରାଯାଇଛି । ଏହି ଅଗ୍ନିକାଣ୍ଡରେକ ଏପର୍ଯ୍ୟନ୍ତ ୧୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ନିଖୋଜ ଅଛନ୍ତି । ୧୨ ହଜାରରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି । ଜଣେ ବରିଷ୍ଠ ଅଗ୍ନିଶମ ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ନିଆଁ ଲାଗିଥିବା ଅଞ୍ଚଳରୁ ପ୍ରାୟ ୧ ଲକ୍ଷ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଛି । ସି.ଏନ୍.ଏନ୍. କହିଛି, ନିଆଁକୁ ଆୟତ୍ତ କରିବାପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି ।

## ପୁଡୁଚେରୀ - ଏଚ୍.ଏମ୍.ପି.ଭି.

ପୁଡୁଚେରୀଠାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ଜଣେ ଶିଶୁ ଏଚ୍.ଏମ୍.ପି.ଭି. ଆକ୍ରାନ୍ତ ବୋଲି ଜଣାପଡ଼ିଛି । ପୁଡୁଚେରୀ ସ୍ୱାସ୍ଥ୍ୟବିଭାଗ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଗତକାଲି ପରୀକ୍ଷା ରିପୋର୍ଟ ମିଳିବା ପରେ ଏହା ସ୍ପଷ୍ଟ ହୋଇଛି । ତେବେ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛି । ସତର୍କତାମୂଳକ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା ପାଳନ କରିବାକୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଶିଶୁର ପିତାମାତାଙ୍କୁ କୁହାଯାଇଛି । ଏଚ୍.ଏମ୍.ପି.ଭି. ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି । ସନ୍ଦିଗ୍ଧଙ୍କ ପରୀକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ପୁଡୁଚେରୀ ସ୍ୱାସ୍ଥ୍ୟବିଭାଗ ସ୍ପଷ୍ଟ କରିଛି । ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂକ୍ରମିତଙ୍କ ଚିକିତ୍ସାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି । ଏହି ସଂକ୍ରମଣ ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ ପଦକ୍ଷେପମାନ ଗ୍ରହଣ କରାଯାଉଛି ।

## ଆସାମ - କୋଲ୍ ମାଇନ୍ସ ଆକ୍ସିଡେଣ୍ଟ

ଆସାମ କୋଇଲା ଖଣି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ଆହୁରି ୫ ଜଣ ଶ୍ରମିକ ଅଟକି ରହିଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମେଘାଳୟ ସୀମାନ୍ତ

ଦିମାହାସାଓ ଜିଲ୍ଲାର ଉମରାଙ୍ଗ୍‌ସୋ କୋଇଲା ଖଣିରେ ପାଣି ଭର୍ତ୍ତି ହୋଇଯିବାରୁ କାର୍ଯ୍ୟରତ ଶ୍ରମିକ ଅଟକି ରହିଛନ୍ତି । ଗତକାଲି ସୁଦ୍ଧା ଖଣିରୁ ୩ଟି ମୃତଦେହକୁ ଉଦ୍ଧାର କରାଯାଇଛି । ଏହି ଘଟଣାରେ ଏପର୍ଯ୍ୟନ୍ତ ୨ ଜଣଙ୍କୁ ଗିରଫ କରାଯାଇଛି । ଏନ୍.ଡି.ଆର୍.ଏଫ୍., ନୌସେନା, ଏସ୍.ଡି.ଆର୍.ଏଫ୍., ସ୍ଥଳସେନା, ଓ.ଏନ୍.ଜି.ସି, କୋଲ୍ ଇଣ୍ଡିଆ ଓ ଜିଲ୍ଲା ପ୍ରଶାସନ ମିଳିତଭାବେ ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଛନ୍ତି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ପୁରୁଷ ବର୍ଗ ମ୍ୟାଚ୍‌ରେ ହାଇଦ୍ରାବାଦ ତୋଫାନ୍‌ସ ଏବଂ ୟୁ.ପି. ରୁଦ୍ରସ୍ ବିଜୟୀ ହୋଇଛନ୍ତି । ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ ତୋଫାନ୍ସ ସୁର୍‌ମା କ୍ଲବ୍‌କୁ ୪-୩ ଗୋଲ୍‌ରେ ହରାଇ ଦେଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ୧-୧ରେ ଅମୀମାଂସିତ ରହିବା ଯୋଗୁଁ ସୁଟ୍‌ଆଉଟ୍ ଜରିଆରେ ମ୍ୟାଚ୍‌ର ଫଇସଲା ହୋଇଥିଲା ।

ଦ୍ୱିତୀୟ ମ୍ୟାଚ୍‌ରେ ୟୁ.ପି. ରୁଦ୍ରସ ୩-୧ ଗୋଲ୍‌ରେ ଦିଲ୍ଲି ଏସ୍.ଜି. ପାଇପର୍ସଙ୍କୁ ହରେଇ ଦେଇଛି । ଆଜି କଳିଙ୍ଗ ଲାନ୍‌ସର୍ସ ଏବଂ ହାଇଦ୍ରାବାଦ ତୋଫାନ୍ସ ପରସ୍ପରକୁ ଭେଟିବେ ।

ଅନ୍ୟପକ୍ଷରେ ମହିଳା ବର୍ଗର ମ୍ୟାଚ୍ ଆଜିଠାରୁ ଆରମ୍ଭ ହେଉଛି । ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ଜୟପାଲ୍ ସିଂହ ଷ୍ଟାଡିୟମ୍‌ଠାରେ ମ୍ୟାଚ୍ ଖେଳାଯିବ । ଏହି ପ୍ରଥମ ମହିଳା ହକି ଲିଗ୍ ପ୍ରତିଯୋଗିତା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୪ଟି ଦଳ ଅଂଶଗ୍ରହଣ କରୁଛନ୍ତି । ସେମାନେ ହେଲେ ଦିଲ୍ଲୀ ଏସ୍.ଜି. ପାଇପର୍ସ, ଓଡ଼ିଶା ୱାରିୟର୍ସ୍, ରାହ ବେଙ୍ଗଲ୍ ଟାଇଗର୍ସ ଏବଂ ସୁର୍‌ମା ହକି କ୍ଲବ୍ । ଆଜି ଦିଲ୍ଲୀ ଏସ୍.ଜି. ପାଇପର୍ସ ଏବଂ ଓଡ଼ିଶା ୱାରିୟର୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ ।

## ଆଇ.ଏସ୍.ଏଲ୍. - ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ମୋହନ ବାଗାନ ବିଜୟୀ ହୋଇଛି । ଗୁଆହାଟୀଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୋହନ ବାଗନ୍' ଇଷ୍ଟ ବେଙ୍ଗଲ୍‌କୁ ୧-୦ ଗୋଲ୍‌ରେ ହରାଇ ଦେଇଛି । ଗତକାଲି ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ମହମ୍ମଦାନ ଏସ୍.ସି.' ବେଙ୍ଗାଲୁରୁ ଏଫ୍.ସି.କୁ ୧-୦ ଗୋଲ୍‌ରେ ହରାଇ ଦେଇଥିଲା । ଆଜି ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଜାମ୍‌ସେଦ୍‌ପୁର ଏଫ୍.ସି. ଏବଂ ମୁମ୍ବାଇ ସିଟି ମୁମ୍ବାଇ ଫୁଟ୍‌ବ୍‌ଲ ଆରେନା ଗ୍ରାଉଣ୍ଡ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ପରସ୍ପରକୁ ଭେଟିବେ ।

## ବି.ସି.ସି.ଆଇ. - ଟି-ଟ୍ୱେଣ୍ଟି ସ୍କ୍ୱାଡ୍

ଇଂଲଣ୍ଡ ବିପକ୍ଷ ଆଗାମୀ ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ୧୫ ଜଣିଆ ଦଳ ଘୋଷଣା କରିଛି । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଏହି ଦଳରେ ଅକ୍ସର ପଟେଲ୍ ଉପଅଧିନାୟକ ଦାୟିତ୍ୱ ନିର୍ବାହ କରିବେ । ମହମ୍ମଦ ଶାମୀ ଦଳକୁ ଫେରିଛନ୍ତି । କୋଲ୍‌କାତାଠାରେ ଆସନ୍ତା ୨୨ ତାରିଖରେ ପ୍ରଥମ ମ୍ୟାଚ୍ ଖେଳାଯିବ ।

ଇଂଲଣ୍ଡର କ୍ରିକେଟ୍ ଦଳର ଭାରତ ଗସ୍ତ ଅବସରରେ ଏହି ଟି-ଟ୍ୱେଣ୍ଟି ସିରିଜ୍ ବ୍ୟତୀତ ୩ ଟିକିଆ ଦିନିକିଆ କ୍ରିକେଟ୍ ସିରିଜ୍ ମଧ୍ୟ ଖେଳାଯିବ ।

## ୱିମେନ୍ କ୍ରିକେଟ୍ - ଓ.ଡ଼ି.ଆଇ.

ଭାରତ-ଆୟାର୍ଲାଣ୍ଡ ମହିଳା ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଗୁଜରାଟର ରାଜକୋଟଠାରେ ଖେଳାଯିବ । ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ପୂର୍ବାହ୍ନ ୧୧ଟାବେଳେ ଏହି ମ୍ୟାଚ୍ ଖେଳାଯିବ ।  ତିନିଟିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଭାରତ ଜିତି ୧-୦ରେ ଆଗୁଆ ରହିଛି । ଏହି ମ୍ୟାଚ୍‌କୁ ଭାରତ ୬ ୱିକେଟ୍‌ରେ ବିଜୟୀ

ହୋଇଥିଲା । ଆସନ୍ତା ୧୫ ତାରିଖରେ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ ।

*****